ଦୟାନନ୍ଦ ବୈଦିକ ବିଦ୍ୟାଳୟ ସଞ୍ଚାଳକ ସମିତି

ବନାମ

ଶିକ୍ଷା ନିରୀକ୍ଷକ, ବୃହତ୍ ବମ୍ବେ ଏବଂ ଅନ୍ୟଜଣେ

ଅକ୍ଟୋବର 25,2007

**[ଏ. କେ. ମାଥୁର୍  ଏବଂ ମାର୍କଣ୍ଡେୟ କାଟଜୁ ନ୍ୟାୟମୂର୍ତ୍ତିଦ୍ୱୟ]**

*ଅନ୍ତଃବର୍ତ୍ତୀ ଆଦେଶ :*

*ଶିକ୍ଷକମାନଙ୍କ ନିଯୁକ୍ତିର ଅନୁମୋଦନକୁ ପ୍ରତ୍ୟାଖ୍ୟାନ କରିଥିବା ଶିକ୍ଷା ନିରୀକ୍ଷକଙ୍କ ଆଦେଶକୁ ରଦ୍ଦ କରିବା ନିମିତ୍ତ  ଆଜ୍ଞାଦେଶ ଆବେଦନ - ଏହି ନିଯୁକ୍ତିଗୁଡିକୁ ନିୟମାବଳୀ କୁ ଉଲ୍ଲଂଘନ କରି କରାଯାଇଥିବା ଉଲ୍ଲେଖ କରାଗଲା - ଅନ୍ତଃବର୍ତ୍ତୀ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ କିଛି ଶିକ୍ଷକମାନଙ୍କୁ ଅସ୍ଥାୟୀ ଅନୁମୋଦନ ମଞ୍ଜୁର କଲେ - ରାୟ ଦିଆଗଲା ଯେ : ଏପରି ଏକ ଆବେଦନରେ କୌଣସି ଅନ୍ତଃବର୍ତ୍ତୀ ଆଦେଶ ମଞ୍ଜୁର କରିବାର କୌଣସି ସୁଯୋଗ ନଥିଲା ଏବଂ ଏହା ପରିବର୍ତ୍ତେ ଆଜ୍ଞାଦେଶ ଆବେଦନର ନିଷ୍ପତ୍ତି ଯଥାଶୀଘ୍ର ହେବା ଉଚିତ ଥିଲା - ଅନ୍ତଃବର୍ତ୍ତୀ ଆଦେଶ ପ୍ରକୃତରେ ଚୂଡ଼ାନ୍ତ ଉପଚାର ଆଦେଶ ସହିତ ସମାନ - ଏହି ପ୍ରକାରର ଅଭ୍ୟାସ ବନ୍ଦ ହେବା ଉଚିତ ଏବଂ ଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ - ଉଚ୍ଚ ନ୍ୟାୟାଳୟ ଶେଷରେ ମାମଲାର ଫଇସଲାକୁ ତ୍ୱରାନ୍ୱିତ କରିବେ  - ଅପରପକ୍ଷରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ଅନ୍ତଃବର୍ତ୍ତୀ ଆଦେଶ ଜାରି ରହିବ - ଅଭ୍ୟାସ ଏବଂ ପ୍ରକ୍ରିୟା - ଭାରତର ସମ୍ବିଧାନ - ଅନୁଚ୍ଛେଦ 226 ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର :  ଦେୱାନୀ ଆବେଦନ ସଂଖ୍ୟା 5979/2001

ଆଜ୍ଞାଦେଶ ଆବେଦନ ସଂଖ୍ୟା 2209/2000 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର ତାରିଖ 23.11.2000 ର ଅନ୍ତଃବର୍ତ୍ତୀ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏ. ଟି. ଏମ୍. ରଙ୍ଗରାମାନୁଜମ୍, ଏମ୍. ଏ. ଚିନ୍ନାସାମୀ, ବିମଲ ୱାଧୱାନୀ, କେ. କୃଷ୍ଣ କୁମାର ଏବଂ ରୁବି ସିଂହ ଆହୁଜା ।

ଉତ୍ତରଦାତାମାନଙ୍କ ତରଫରୁ  ଚିରାଗ୍ ଏମ୍. ଶ୍ରଫ୍, ମୁକେଶ କୁମାର, ମହିମା ସି. ଶ୍ରଫ୍, ଏସ୍. ଏସ୍. ସିନ୍ଦେ ଏବଂ ଆଶା ଗୋପାଳନ୍ ନାୟାର ।

ନ୍ୟାୟାଳୟଙ୍କର ଆଦେଶ ପ୍ରଦାନ କରାଗଲା ।

**ଆଦେଶ**

ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କ ତର୍କକୁ ଶୁଣିଛୁ ।

ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଜ୍ଞାଦେଶ ଆବେଦନ ସଂଖ୍ୟା 2209/2000 ରେ ତାରିଖ 23 ନଭେମ୍ବର 2000 ର ବିବାଦୀୟ ଅନ୍ତଃବର୍ତ୍ତୀ ଆଦେଶ ବିରୁଦ୍ଧରେ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ନିର୍ଦ୍ଦେଶିତ ହୋଇଛି । ବୃହତ୍ ମୁମ୍ବାଇର ଶିକ୍ଷା ନିରୀକ୍ଷକଙ୍କ ତାରିଖ 30.9.2000 ର ଆଦେଶକୁ ରଦ୍ଦ କରିବା ପାଇଁ ସେହି ଆଜ୍ଞାଦେଶ ଆବେଦନରେ ନିବେଦନ ଥିଲା । 30.9.2000 ତାରିଖର ଆଦେଶରେ କୁହାଯାଇଛି ଯେ ଯେହେତୁ ନିୟମାବଳୀ ଉଲ୍ଲଂଘନ କରି ମୁମ୍ବାଇର ଦୟାନନ୍ଦ ବୈଦିକ ବିଦ୍ୟାଳୟ ଦ୍ୱାରା ଶିକ୍ଷକମାନଙ୍କ କେତେକ ନିଯୁକ୍ତି କରାଯାଇଥିଲା, ତେଣୁ ଏହିପରି ନିଯୁକ୍ତି ପାଇଁ ଅନୁମୋଦନ ପ୍ରତ୍ୟାଖ୍ୟାନ କରାଗଲା ।

ଆମ ମତରେ ଏପରି ଏକ ଆବେଦନରେ କୌଣସି ଅନ୍ତଃବର୍ତ୍ତୀ ଆଦେଶ ମଞ୍ଜୁର କରିବାର କୌଣସି ସୁଯୋଗ ନଥିଲା, ଏବଂ ଏହା ପରିବର୍ତ୍ତେ ଆଜ୍ଞାଦେଶ ଆବେଦନର ନିଷ୍ପତ୍ତି ଶୀଘ୍ର ହେବା ଉଚିତ୍ ଥିଲା । ତେବେ, ଆକ୍ଷେପିତ ଅନ୍ତଃବର୍ତ୍ତୀକାଳୀନ ଆଦେଶ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଯାହା କରିଛନ୍ତି ତାହା ହେଉଛି କିଛି ଶିକ୍ଷକଙ୍କୁ ଅସ୍ଥାୟୀ ଅନୁମୋଦନ ପ୍ରଦାନ କରିବା ।

ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହା ଏକ ଅଦ୍ଭୁତ ଆଦେଶ ।

ଅସ୍ଥାୟୀ ଅନୁମୋଦନ ପ୍ରଦାନ ନିମିତ୍ତ ନିୟମାବଳୀରେ କୌଣସି ପ୍ରାବଧାନ ନାହିଁ । ଅନୁମୋଦନ ମଞ୍ଜୁର ହୁଏ, କିମ୍ବା ନିବେଦନ ପ୍ରତ୍ୟାଖ୍ୟାନ ହୁଏ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପରି ବେପରୁଆ ପଦକ୍ଷେପ ନିମିତ୍ତ ଏଠାରେ କୌଣସି ସୁଯୋଗ ନାହିଁ । ଆମେ ଏପରି ଅନ୍ତଃବର୍ତ୍ତୀ ଆଦେଶକୁ ତର୍ଜମା କରିପାରିବୁ ନାହିଁ ଯାହା ପ୍ରକୃତରେ ଚୂଡ଼ାନ୍ତ ଉପଚାର ପ୍ରଦାନ କରିବା ସହିତ ସମାନ । ଏଭଳି ଅନ୍ତଃବର୍ତ୍ତୀ ଆଦେଶକୁ ପ୍ରଦାନ କରିବାର ଏହି ପ୍ରକାରର ଅଭ୍ୟାସ ବନ୍ଦ କରାଯିବା ଉଚିତ ଏବଂ ଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ ନୁହେଁ ।

ତେବେ ଉଚ୍ଚ ନ୍ୟାୟାଳୟ ର ଆଦେଶ ବିରୁଦ୍ଧରେ ଏହି ଆବେଦନରେ, 29 ଜାନୁଆରୀ, 2001 ରେ ଏହି ନ୍ୟାୟାଳୟ ମନ୍ତବ୍ୟ ଦେଇଛନ୍ତି ଯେ "ଆପତ୍ତି ଅଧୀନରେ ଥିବା ଆଦେଶର

କାର୍ଯ୍ୟକାରିତା ସ୍ଥଗିତ ରହିବ ଯେ ପର୍ଯ୍ୟନ୍ତ ଆପତ୍ତି ଅଧୀନରେ ଥିବା ଆଦେଶ ପୂର୍ବରୁ କାର୍ଯ୍ୟକାରୀ ହୋଇନାହିଁ ।" ବମ୍ବେ ଉଚ୍ଚ ନ୍ୟାୟାଳୟରେ ଏହି ଆଜ୍ଞାଦେଶ ଆବେଦନ ଏବେବି ବିଚାରଧୀନ ରହିଛି । ଆମେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରୁଛୁ ଯେ ଏହି ଆଦେଶର ଏକ ନକଲ ପ୍ରାପ୍ତ ହେବାର ତାରିଖ ଠାରୁ ତିନି ମାସ ମଧ୍ୟରେ, ଯଦି ମାମଲା ଟି ଫଇସଲା ନହୁଏ, ତେବେ ତୁରନ୍ତ ଏହାର ସମାଧାନ କରନ୍ତୁ ।

ଏହି ନ୍ୟାୟାଳୟଙ୍କ ଦ୍ୱାରା 29 ଜାନୁଆରୀ, 2001ରେ ପାରିତ ଅନ୍ତଃବର୍ତ୍ତୀ ଆଦେଶକୁ ନିରଙ୍କୁଶ କରାଯାଇଛି, କିନ୍ତୁ ଏହା କେବଳ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆଜ୍ଞାଦେଶ ଆବେଦନର ଚୂଡ଼ାନ୍ତ ଫଇସଲା ପର୍ଯ୍ୟନ୍ତ ଜାରି ରହିବ ।

ତଦନୁସାରେ, ଦେୱାନୀ ଆବେଦନର ଫଇସଲା କରାଗଲା ।

ଆର୍. ପି. ଆବେଦନକୁ ଫଇସଲା କରାଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।